## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ



**କାମାକ୍ଷାନଗର, ୧୭।୧୨(ଡି.ଏନ୍.ଏ.):** କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ବନ ବିଭାଗ ପକ୍ଷରୁ ସୋମବାର ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର (ନଂ. ଓଡ଼ି ୧୯ ଏମ୍ ୬୪୪୭) ଜବତ କରାଯାଇଛି। ପଥରକଟା ଓ ଖଜୁରିଆ ଗାଁ ନିକଟରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ସୂଚନା ପାଇ ସ୍ୱତନ୍ତ୍ର ମୋବାଇଲ ସ୍କ୍ୱାଡ୍, ଏପିଆର ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ଜବତ ଟ୍ରାକ୍ଟରକୁ ବନ ବିଭାଗ ଜିମା ଦିଆଯାଇଛି। ଏ ନେଇ ପୂର୍ବାଞ୍ଚଳ ରେଞ୍ଜର ସତ୍ୟନାରାୟଣ ସାହୁ କୁହନ୍ତି, ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଯଦି କାଗଜପତ୍ର ଠିକ୍ ଥାଏ ତେବେ ଗାଡ଼ିକୁ ଛାଡ଼ି ଦିଆଯିବ, ନଚେତ ସରକାରୀ ନିୟମ ଅନୁଯାୟୀ ଜରିମାନା ଆଦାୟ କରାଯିବ।

### ପୋଡ଼ି ହୋଇ ୨ ମହିଳା ଗୁରୁତର

**ପରଜଙ୍ଗ/କାମାକ୍ଷାନଗର, ୧୭।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁଆଳୋ ଗ୍ରାମର ବୃଦ୍ଧା ଜହ୍ନ ରଣା (୮୫) ମଙ୍ଗଳବାର ସକାଳେ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ପରଜଙ୍ଗ ଏବଂ ପରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପରିବାର ଲୋକଙ୍କ କହିବା କଥା, ଘରେ ରୋଷେଇ ଚାଲିଥିବାବେଳେ ମୁଣ୍ଡ ଘୂରାଇବାରୁ ବୃଦ୍ଧା ଜଣକ ଚୁଲିରେ ପଡ଼ିଯାଇଥିଲେ। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡ଼ିଯାଇଛି। ସେହିପରି କାମାକ୍ଷାନଗର ଥାନା ବାଉଁଶପାଳ ପଞ୍ଚାୟତ ବାହାଡ଼ା ଗ୍ରାମରେ ସୋମବାର ମଧ୍ୟାହ୍ନରେ ଚୁଲି ନିଆଁରେ ପୋଡ଼ିଯାଇ ଗୁରୁତର ହୋଇଛନ୍ତି ପଦ୍ମାବତୀ ସାହୁ (୫୦)। ରୋଷେଇ କରୁଥିବାବେଳେ ଅସାବଧାନତାରୁ ତାଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କ ଶରୀରର ୫୦% ପୋଡ଼ି ଯାଇଛି। ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଗରିମା ରୌପ୍ୟ ପରୀକ୍ଷା

**ଢେଙ୍କାନାଳ ଅଫିସ, ୧୭।୧୨:** ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଗରିମା ରୌପ୍ୟ ପୁରସ୍କାର ପାଇଁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ୟ, ୪ର୍ଥ ଓ ୫ମ ଶ୍ରେଣୀର ୧୨୮ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଷ୍ଠାନର ବନିତା ବେହେରା, ମଧୁସ୍ମିତା ପ୍ରଧାନ, ଟିଚର ଏଜୁକେଟର ସୁଦୀପ୍ତା ମିଶ୍ର, ରିପ୍ସିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ଆରୁହାଁ, ଏରନ୍ଦା, ନୂଆଗଡ଼, କାଲୁଣିଗୋଡ଼ା ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ମଧ ପରୀକ୍ଷା ଅନୁଷ୍ଠିତ ହୋଇଥିବା ପ୍ରଧାନ ଶିକ୍ଷକ ହରିହର ସାହୁ ସୂଚନା ଦେଇଛନ୍ତି।

### ୧୬,୨୦୦ ଲିଟର ଗୁଡ଼ ପୋଚ ନଷ୍ଟ

**ଢେଙ୍କାନାଳ ଅଫିସ, ୧୭।୧୨:** ପରଜଙ୍ଗ ଥାନା ଆମ୍ବପଳାସ ପଞ୍ଚାୟତ ଅନ୍ତର୍ଗତ ବାହାଳବନ୍ଧ ଓ ଦୁଧିଆନାଳୀ ଅଞ୍ଚଳରେ ମଙ୍ଗଳବାର ଅବକାରୀ ବିଭାଗର ମଲ୍ଟି ଡିସିପ୍ଲିନାରୀ ସ୍କ୍ୱାଡ୍ ଚଢ଼ାଉ କରି ୧୬ହଜାର ୨୦୦ ଲିଟର ଗୁଡ଼ ପୋଚ ନଷ୍ଟ କରିଛନ୍ତି। ଚୋରା ଦେଶୀ ମଦ ତିଆରି କରିବାକୁ ଉକ୍ତ ପୋଚ ପ୍ରସ୍ତୁତ ହୋଇ ରହିଥିଲା। ସୂଚନା ପାଇ ଅତିରିକ୍ତ ତହସିଲଦାର ରାମକୃଷ୍ଣ ମହାନ୍ତି, ସଦର ବ୍ଲକ ଅବକାରୀ ଇନ୍ସପେକ୍ଟର ସମୀର କୁମାର ମହାନ୍ତି, ଏସ୍ଆଇ ଭକ୍ତବତ୍ସଳ ବର୍ମା, କାମାକ୍ଷାନଗର ଅବକାରୀ ବିଭାଗ ଅଫିସର ଇନ୍‌ଚାର୍ଜ ମାନସୀ ସାହୁ, ଏପିଆର ଫୋର୍ସ ଏବଂ ବନ ବିଭାଗ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।



■ବ୍ୟବସାୟୀ ମାନୁନାହାନ୍ତି ସର୍ତ୍ତ

# ବାଲି ଚାଲାଣକୁ ପୁଣି ବିରୋଧ




ଅଞ୍ଚଳବାସୀ ରାସ୍ତା ଅବରୋଧ କରି ଧାରଣାରେ ବସିଛନ୍ତି।

**ଭୁବନ, ୧୭।୧୨(ଡି.ଏନ.ଏ.)**

■ଆନ୍ଦୋଳନକୁ ଓହ୍ଲାଇଲେ ନୂଆଭୁବନବାସୀ
■କଡ଼ା କାର୍ଯ୍ୟାନୁଷ୍ଠାନ ଦାବି
■ଜିଲାପାଳଙ୍କୁ ଦାବିପତ୍ର
■ଏଣିକି ପ୍ରଶାସନ ତଦାରଖ କରିବ: ଉପଜିଲାପାଳ

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅନ୍ତର୍ଗତ ୩ନଂ. ୱାର୍ଡ ନୂଆ ଭୁବନ ଦେଇ ବାଲିବୋଝେଇ ଭାରିଯାନ ଚଳାଚଳକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ବାଲି ବ୍ୟବସାୟୀମାନେ ସର୍ତ୍ତ ଖିଲାପ କରୁଥିବାରୁ ଏହାର ପ୍ରତିବାଦରେ ମଙ୍ଗଳବାର ଅଞ୍ଚଳବାସୀ ପୁଣି ଥରେ ରାସ୍ତାକୁ ଓହ୍ଲାଇଛନ୍ତି। ଏହାର ସମାଧାନ କରିବାକୁ ଜିଲାପାଳଙ୍କୁ ଲିଖିତ ଦାବିପତ୍ର ଦିଆଯାଇଛି।

୫୩ନଂ. ଜାତୀୟ ରାଜପଥରୁ ବୁଦ୍ଧେଶ୍ୱର ଶୈବପୀଠକୁ ସଂଯୋଗ କରୁଥିବା ରାସ୍ତାରେ ଦୈନିକ ଶତାଧିକ ବାଲି ବୋଝେଇ ଟ୍ରକ୍, ହାଇୱା ଯାତାୟାତ କରୁଛନ୍ତି। ଫଳରେ ଉକ୍ତ ରାସ୍ତା ଦୁର୍ଘଟଣାପ୍ରବଣ ହୋଇଗଲାଣି। ରାସ୍ତାରେ ବାଲି ଖସି ଜମି ରହୁଥିବାରୁ ବାଇକ୍, ସାଇକେଲ ଆରୋହୀ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆଖାବରା ହେଉଛନ୍ତି। ଏହାକୁ ନେଇ ବିଗତ ଦିନରେ ଆନ୍ଦୋଳନ ହୋଇଛି। ବ୍ୟବସାୟୀ ସଂଘ, ଅଞ୍ଚଳବାସୀ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ସମସ୍ୟା ସମାଧାନ ଲାଗି ତହସିଲ ପ୍ରଶାସନ, ବାଲି ବ୍ୟବସାୟୀ ଏବଂ ଅଞ୍ଚଳବାସୀଙ୍କୁ ନେଇ ତ୍ରିପାକ୍ଷିକ ବୈଠକ ବସିଥିଲା। ନିୟମିତ ଭାବେ ରାସ୍ତା ଉପରୁ ବାଲି ସଫା କରିବା, ଧୂଳି ନ ଉଡ଼ିବାକୁ ପାଣି ସିଞ୍ଚନ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ଧୀରେ ଗାଡ଼ି ଚଳାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ସର୍ତ୍ତକୁ କିଛିଦିନ ବ୍ୟବସାୟୀମାନେ ମାନିଥିଲେ। ହେଲେ ଦିନ କେଇଟା ପରେ ଏହାକୁ ପୁଣି ଥରେ ଉଲ୍ଲଂଘନ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଅନ୍ୟପଟେ ସନ୍ଧ୍ୟାସୁଦ୍ଧା ଆନ୍ଦୋଳନସ୍ଥଳରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିଲେ। ଏହାକୁ ନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ନ ନେଲେ ଆଗାମୀ ଦିନରେ ଉକ୍ତ ରାସ୍ତା ଦେଇ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଗ୍ରାମ ସଭାପତି ଚୈତନ୍ୟ ପୃଷ୍ଟି, ନରେନ୍ଦ୍ର ସାହୁ, ନାରାୟଣ ସାହୁ, ସୁଧୀର ସାହୁ, ସୁରେନ୍ଦ୍ର ପୃଷ୍ଟି, କୈଳାସ ସାହୁ, ବାଙ୍କନିଧି ସାହୁ, ଖଗେଶ୍ୱର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଆଲୋଚନାରେ ହୋଇଥିବା ନିଷ୍ପତ୍ତିକୁ ବାଲି ବ୍ୟବସାୟୀ ନ ମାନିବାରୁ ଏପରି ଅସନ୍ତୋଷ ଦେଖାଦେଇଛି। ବାଲି ସଫେଇ କରିବାକୁ ଖୁବ୍‌ଶୀଘ୍ର ଏନ୍ଏସି ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବ। ଏଣିକି ବାଲି ସଫେଇ କାର୍ଯ୍ୟକୁ ପ୍ରଶାସନ ତଦାରଖ କରିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

■୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

# ହେଲ୍‌ପର ଆହତ, ରୋଗୀ ସୁରକ୍ଷିତ



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

**ପରଜଙ୍ଗ, ୧୭।୧୨(ଡି.ଏନ.ଏ.)**

ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ବାରିହାପୁର ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଯାଉଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ସୁରକ୍ଷିତ ଥିବାବେଳେ ହେଲ୍‌ପର ନିବାସ କୁମାର ବେହେରା ସାମାନ୍ୟ ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୋଡ଼ି ହୋଇ ଗୁରୁତର ହୋଇଥିବା ଜଣେ ବୃଦ୍ଧାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିଲା। ଏହି ସମୟରେ ସମ୍ମୁଖରୁ ଏକ ହାଇୱା ଚାଲି ଆସିଥିଲା। ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ଗାଡ଼ିକୁ ବାମପାର୍ଶ୍ୱକୁ ନେଇ ଆସିଥିଲେ। ଫଳରେ ରାସ୍ତା ପାର୍ଶ୍ୱ ଡିଭାଇଡରରେ ବାଜି ଆମ୍ବୁଲାନ୍ସର ବାମ ପାର୍ଶ୍ୱ ଚକର ରିମ୍ ଚେପା ହୋଇଯାଇଥିଲା। ଏ ନେଇ ଡ୍ରାଇଭର ସୌରଭ ମିଶ୍ର କୁହନ୍ତି, ଆଗକୁ ହାଇୱା ଚାଲି ଆସିବାରୁ ଗାଡ଼ିକୁ ବାଧ ହୋଇ ବାମ ପାର୍ଶ୍ୱକୁ ନେବାକୁ ପଡ଼ିଥିଲା। ଫଳରେ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଅନ୍ୟପଟେ ଉକ୍ତ ୧୦୮ ଆମ୍ବୁଲାନ୍ସ ପୁରୁଣା ହୋଇଗଲାଣି। ରାସ୍ତା ମଧ୍ୟରେ ବନ୍ଦ ହୋଇଯାଉଛି। ନୂଆ ଆମ୍ବୁଲାନ୍ସ ଯୋଗାଇ ଦିଆଗଲେ ରୋଗୀମାନେ ଠିକ୍ ସମୟରେ ସେବା ପାଇପାରିବେ ବୋଲି ସାଧାରଣରେ ଦାବି ହେଉଛି।

■ମଠକରଗୋଳା କଲେଜରେ ଆଲୋଚନାଚକ୍ର

# ନୈତିକ ଚିନ୍ତନର ମୁଖ୍ୟ କର୍ଣ୍ଣଧାର ଗାନ୍ଧୀ




କାର୍ଯ୍ୟକ୍ରମରେ ଅତିଥିମାନେ।

**କାମାକ୍ଷାନଗର, ୧୭।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ମଠକରଗୋଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଦର୍ଶନ ଶାସ୍ତ୍ର ବିଭାଗ ପକ୍ଷରୁ ମଙ୍ଗଳବାର 'ଗାନ୍ଧୀଙ୍କ ନୈତିକ ଚିନ୍ତନର ବିକଳ୍ପ ନାହିଁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ମେଜର ପ୍ରଭାତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ନୈତିକ ଚିନ୍ତନର କଥା ଉଠିଲେ ପ୍ରଥମେ ମହାତ୍ମା ଗାନ୍ଧୀ ମନକୁ ଆସିବେ। କହିବାକୁ ଗଲେ ନୈତିକ ଚିନ୍ତନର ମୁଖ୍ୟ କର୍ଣ୍ଣଧାର ହେଉଛନ୍ତି ସେ। ଗାନ୍ଧିଜୀ ସବୁବେଳେ ଦେଶ ଓ ଜାତିର ମଙ୍ଗଳ ଚିନ୍ତା କରୁଥିଲେ। ତାଙ୍କ ଚିନ୍ତାଧାରାକୁ ଯୁବପିଢ଼ିଙ୍କ ପାଖରେ ପହଞ୍ଚାଇବାକୁ ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ଭାବେ ଶିକ୍ଷାଦାନ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ଜିରାଳ କଲେଜ ଅଧ୍ୟାପକ ପ୍ରହ୍ଲାଦ ଅଗସ୍ତି ଗାନ୍ଧୀ ଦର୍ଶନ, ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର ନୈତିକ ଶିକ୍ଷାରେ ଗାନ୍ଧୀଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ।

ବିଭାଗୀୟ ମୁଖ୍ୟ ପ୍ରଫେସର ସୁରେନ୍ଦ୍ର କୁମାର ସିଂ, ଛାତ୍ରୀ ଅନନ୍ୟା ନନ୍ଦ, ସନ୍ଧ୍ୟାରାଣୀ ବରାଳ, ସୁମିତ୍ରା ରାଣୀ ସାହୁ, ବନିତା ମହାନ୍ତି, ନମିତା ସାମଲ ପ୍ରମୁଖ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ସୁଜାତା ବେହେରା, ମହାବିଦ୍ୟାଳୟ ଗୁଣବତ୍ତା ପ୍ରକୋଷ୍ଠର ଡ. କୈଳାସ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅଧ୍ୟାପକଙ୍କୁ ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ବର୍ଷେ ଜେଲ

**କାମାକ୍ଷାନଗର, ୧୭।୧୨(ଡି.ଏନ.ଏ.)**

କାମାକ୍ଷାନଗର ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ମଙ୍ଗଳବାର ଏକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ପରିତୋଷ ସେଠୀ ଅଭିଯୁକ୍ତ ଭୀମସେନ ମହାଲିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏକ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୨ମାସ ଜେଲ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସ୍ୱତନ୍ତ୍ର ସହକାରୀ ସରକାରୀ ଓକିଲ ଶୁଭ୍ରଜିତ ବେହେରା, ଦାମୋଦର ବାରିକ ମାମଲା ପରିଚାଳନା କରିଥିଲେ। ୨୦୦୩ ଅଗଷ୍ଟ ୩୦ ସନ୍ଧ୍ୟାରେ କାମାକ୍ଷାନଗର ଥାନା ବାଲିପଡ଼ା ଗ୍ରାମର ଅଧ୍ୟାପକ ଶିଶିର ରାଉତ ଗୁନେଇବିଲରୁ ଅଧ୍ୟାପନା ସାରି ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ସରଦେଇପୁରଠାରେ ଭୀମସେନ ଲୁହା ଲାଗିଥିବା କାତୁଆରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଶିଶିରଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏ ନେଇ ଶିଶିରଙ୍କ ବାପାଙ୍କ ଅଭିଯୋଗକ୍ରମେ ନଂ. ୧୦୮/୦୩ରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର କୋର୍ଟ କେସ୍ ନଂ. ଜିଆର ୩୬୮/୦୩ର ବିଚାର କରି ଅଦାଲତ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

■ଜମି ବିବାଦକୁ ନେଇ ସଂଘର୍ଷ

# ୨ ମହିଳାଙ୍କ ସମେତ ୫ ଗୁରୁତର





**ଢେଙ୍କାନାଳ ଅଫିସ, ୧୭।୧୨**



ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି କାଲୁରିଆ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୨ ମହିଳାଙ୍କ ସମେତ ୫ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

କାଲୁରିଆ ଗ୍ରାମର ବିଦ୍ୟାଧର ବେହେରା ଏବଂ ତାଙ୍କ ସମ୍ପର୍କୀୟ ଭାଇ ଶତ୍ରୁଘ୍ନ ବେହେରାଙ୍କ ପରିବାର ମଧ୍ୟରେ ୧୫ ଏକର ଜମିକୁ ନେଇ ବିବାଦ ଲାଗିରହିଛି। ମଙ୍ଗଳବାର ଅପରାହ୍ନରେ ବିଦ୍ୟାଧରଙ୍କ ପୁଅମାନେ ବିବାଦୀୟ ଜମିରେ ପାଚେରି ପକାଉଥିବା ସୂଚନା ପାଇ ଶତ୍ରୁଘ୍ନଙ୍କ ପୁଅମାନେ ତୀବ୍ର ପ୍ରତିବାଦ କରିଥିଲେ। ଏହାପରେ ବିବାଦ ଉଗ୍ର ରୂପ ଧାରଣ କରିଥିଲା। ମାରଣାସ୍ତ୍ରରେ ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ଶତ୍ରୁଘ୍ନଙ୍କ ପୁଅ ବଲ୍ଲଭ, ପ୍ରଦୀପ ଏବଂ ସମ୍ପର୍କୀୟ ପୁତୁରା ବିପିନ ଗୁରୁତର ହୋଇଛନ୍ତି। ବଲ୍ଲଭଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେହିପରି ବିଦ୍ୟାଧରଙ୍କ ପରିବାରର ସରସ୍ୱତୀ ବେହେରା (୪୧), ଭାନୁମତୀ ବେହେରା (୩୦) ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବଲ୍ଲଭ, ପ୍ରଦୀପ, ବିପିନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆତ୍ମବିଶ୍ୱାସ ବଢ଼ାଇବ ଆତ୍ମସୁରକ୍ଷା କୌଶଳ




କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୭।୧୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜରେ ୪ ତାରିଖରୁ ଚାଲିଥିବା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭଗବାନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର ଯୋଗଦେଇ କହିଲେ, ଆତ୍ମରକ୍ଷା କୌଶଳ ମହିଳାଙ୍କ ଭିତରେ ଆତ୍ମବିଶ୍ୱାସ ବଢ଼ାଇବ। ଏହା ହିଁ ଦେଶ ଓ ଜାତି ଗଠନରେ ସହାୟକ ହେବ ବୋଲି ସେ ଅଭିଭାଷଣରେ କହିଥିଲେ।

କାର୍ଯ୍ୟକ୍ରମର ଜିଲା ସଂଯୋଜକ ପ୍ରାଧ୍ୟାପକ ସାରଦା ପ୍ରସନ୍ନ ପତି ମୁଖ୍ୟବକ୍ତା ଯୋଗଦେଇ କହିଲେ, ଜୀବନର ପ୍ରତିଟି କ୍ଷେତ୍ରରେ ଅଭ୍ୟାସ ଓ ଅଧ୍ୟବସାୟକୁ ଗୁରୁତ୍ୱ ଦେବା ଜରୁରୀ। ପ୍ରଶିକ୍ଷଣକୁ ଉଚିତ ସମୟରେ ଉପଯୋଗ କରିପାରିଲେ ଏହି କାର୍ଯ୍ୟକ୍ରମ ସଫଳ ହେବ। ସମ୍ମାନିତ ଅତିଥି ଭାବେ ଅର୍ଥନୀତି ଅଧ୍ୟାପକ ପଙ୍କଜ ସାହୁ, ଶିବିର ସଂଯୋଜକ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। ପୂଜାରାଣୀ ସାହୁ ପ୍ରଶିକ୍ଷଣ ଦେଇଥିବା ବେଳେ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ବେହେରା ସହଯୋଗ କରିଥିଲେ।

### ଜଳିଗଲା କାର୍ଟୁନ ଗୋଦାମ

**ବାରିପଦା ଅଫିସ,୧୭।୧୨**

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ମଞ୍ଚାବନ୍ଧାସ୍ଥିତ ଏକ କାଚ ବୋତଲ କମ୍ପାନୀର କାର୍ଟୁନ ଗୋଦାମରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଥିଲା। ଦୀର୍ଘ ୧୨ ଘଣ୍ଟା ପରିଶ୍ରମ କରି ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୧ଟା ୩୦ ବେଳେ ଏହି କାର୍ଟୁନ ଗୋଦାମରୁ ଧୂଆଁ ବାହାରୁ ଥିବା ଜଣେ କର୍ମଚାରୀ ଦେଖିଥିଲେ। ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କାର୍ଟୁନ ପୋଡ଼ି ନଷ୍ଟ ହୋଇଯାଇଛି। ମଙ୍ଗଳବାର ଦିନ ୧ଟା ୩୦ ବେଳକୁ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିବା ଅଗ୍ନିଶମ ବିଭାଗ ଅଧିକାରୀ ପି.କେ ଜେନା କହିଛନ୍ତି। ୩ଟି ଦମକଳ ଗାଡ଼ିରେ ପ୍ରାୟ ୧୮ଜଣ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

■ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଳେଙ୍କାରୀ

# ପିଇଓ ନିଲମ୍ବିତ, ସରପଞ୍ଚଙ୍କୁ ବହିଷ୍କାର ସୁପାରିସ

**ପରଜଙ୍ଗ, ୧୭।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଳେଙ୍କାରୀ ଅଭିଯୋଗ ପ୍ରସଙ୍ଗରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପଞ୍ଚାୟତର ନିର୍ବାହୀ ଅଧିକାରୀ (ପିଇଓ) ନକୁଳ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ସରପଞ୍ଚ ଦୁଃଶାସନ ବିଶ୍ୱାଳଙ୍କୁ ବହିଷ୍କାର କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିସ ପଠାଯାଇଛି। ଏଥିସହ ପଞ୍ଚାୟତର ତତ୍କାଳୀନ ଜିଆର୍‌ଏସ୍ ହେମଲତା ବିଶ୍ୱାଳଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୨୦ ତାରିଖରେ ହାଜର ହୋଇ ମତ ରଖିବାକୁ ଜିଆର୍‌ଏସ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ ବସନ୍ତ କୁମାର ମଲ୍ଲିକଙ୍କୁ ମଧ ଜିଲା ପ୍ରଶାସନ ପକ୍ଷରୁ କଡ଼ା ତାଗିଦ୍ କରାଯାଇଛି।



ପିଇଓ ନକୁଳ ବେହେରା।

କଟାବାହାଲ ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘଦିନ ହେଲା ଜୟପୁରାକାଟେଣୀ ପଞ୍ଚାୟତ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମରେ ରହି ଆସୁଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ଲାଗି ତାଙ୍କୁ ଚୟନ କରାଯାଇଥିଲା। ସେ ପ୍ରଥମ କିସ୍ତିରେ ୨୦ ହଜାର ଏବଂ ଦ୍ୱିତୀୟ କିସ୍ତିରେ ୩୦ ହଜାର ଟଙ୍କା ଉଠାଇଥିଲେ। କିନ୍ତୁ ହିତାଧିକାରୀ ଜଣକ ନିୟମ ବାହାରକୁ ଯାଇ କଟାବାହାଲ ପରିବର୍ତ୍ତେ ପଦ୍ମପୋଖରୀରେ ଘର ନିର୍ମାଣ କରି ବିଲ୍ ଉଠାଇଥିବା ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟ ସରପଞ୍ଚ, ପିଇଓ, ଜିଆର୍‌ଏସ୍‌ଙ୍କ ଜ୍ଞାତସାରରେ ହୋଇଥିବା ଚର୍ଚ୍ଚା ହେବାପରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା। ସତ୍ୟାସତ୍ୟ ଅନୁସନ୍ଧାନ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ସରପଞ୍ଚ କୁହନ୍ତି, ଏସବୁରେ ତାଙ୍କର କୌଣସି ଭୂମିକା ନାହିଁ। ଜିଓ ଟ୍ୟାଗିଂ କରୁଥିବା କର୍ମଚାରୀଙ୍କ ତ୍ରୁଟିରୁ ଏପରି ହୋଇଥିବା ସେ ସୂଚନା ଦେଇଛନ୍ତି। ଏ ନେଇ ବିଡିଓ କୁହନ୍ତି, ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ଚିଠି ମିଳିଛି। ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତରେ ସମସ୍ତ ପ୍ରକାର ସହଯୋଗ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପାଟଣା ବ୍ଲକ ଅଧ୍ୟକ୍ଷ ପାଇଁ ଉପନିର୍ବାଚନ ଆଜି

ପାଟଣା,୧୭।୧୨(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧ୍ୟକ୍ଷ ପଦ ଦୀର୍ଘ ୬ ମାସ ରୁ ଉର୍ଦ୍ଧ୍ୱ ସମୟ ଖାଲି ପଡିଥିଲା। ପରେ ରାଜ୍ୟ ନିର୍ବାଚନ କମିଶନ ଓଡିଶାଙ୍କ ତରଫରୁ ଉପ ନିର୍ବାଚନ ନେଇ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଡିସେମ୍ବର ୧୮ ତାରିଖ ବୁଧବାର ପଞ୍ଚାୟତ ସମିତି ସଭାଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହେବା ନେଇ ପାଟଣା ନିର୍ବାଚନ ଅଧିକାରୀ ବିଡିଓ ଈଶ୍ୱର ଚନ୍ଦ୍ର ନାଏକ ନୋଟିସ ଜାରି କରିଛନ୍ତି। ପାଟଣା ବ୍ଲକର ମୋଟ ୨୦ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ କଣ୍ଟିଆ ପଡା ପଞ୍ଚାୟତ ସମିତି ସଭ୍ୟ ପଦବୀ ସକାଶେ ଉପନିର୍ବାଚନ ହୋଇ ନଥିବାରୁ ମୋଟ ୧୯ ଜଣ ସମିତି ସଭ୍ୟ ମତଦାନ ପକ୍ରିୟାରେ ଅଂଶ ଗ୍ରହଣ କରିବେ। ଯଦି ଏକାଧିକ ବ୍ୟକ୍ତି ସଭାଧ୍ୟକ୍ଷ ପାଇଁ ନାମାଙ୍କନ ପତ୍ର ଦାଖଲ କରିବେ ତେବେ ଯାଇ ନିର୍ବାଚନ ଅନୁଷ୍ଠିତ ହେବା। ବ୍ଲକ ଅଧ୍ୟକ୍ଷ ପଦବୀଟି ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ୧୯ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ୧୦ ଜଣ ସମିତି ସଭ୍ୟ ଆଦିବାସୀ ବର୍ଗର ହୋଇଥିବାବେଳେ ଶାସକ ବିଜେଡି ଦଳ ନିର୍ଦ୍ୱନ୍ଦ୍ୱରେ ପାଟଣା ବ୍ଲକ ଅଧ୍ୟକ୍ଷ ପଦ ଦଖଲ କରିବାକୁ ପ୍ରସ୍ତୁତି କରିସାରିଥିବା ଚର୍ଚ୍ଚା ହେଉଛି। ନିର୍ବାଚନକୁ ନେଇ ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଶାନ୍ତି ପୂର୍ଣ୍ଣ ଓ ଅବାଧ ନିର୍ବାଚନ ହେବା ନେଇ ସମସ୍ତ ପ୍ରସ୍ତୁତି ସରିଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଘଟଗାଁ ଏସଡିପିଓ ରବୀନ୍ଦ୍ର ମଲ୍ଲିକ ଓ ପାଟଣା ଥାନାଧିକାରୀ ସନ୍ଧ୍ୟା ରାଣୀ ଜେନାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

### ବିଭିନ୍ନ ସମସ୍ୟା ନେଇ ଉପଜିଲାପାଳଙ୍କୁ ଦାବିପତ୍ର

ଆନନ୍ଦପୁର,୧୭।୧୨(ସ୍ୱ.ପ୍ର.)-ଆନନ୍ଦପୁର ଅନ୍ତର୍ଗତ ଅକରୁଆ ପଞ୍ଚାୟତ ଆମ୍ବଗଡିଆ ଗ୍ରାମର ମହିଳାମାନେ ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଆନନ୍ଦପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୁବିଧା ବିଜୁଳି, ନଳକୂପ, ଘର, ଡ୍ରେନ୍ ଆଦି ଗ୍ରାମରେ ଅଭାବ ପରିଲକ୍ଷିତ ହୋଇଛି। ଏହା ସହିତ ଗ୍ରାମବାସୀ ସରକାରଙ୍କ ଦ୍ୱାରା ସୁବିଧା ହାସଲ କରିବା ପାଇଁ ସ୍ମାର୍ଟକାର୍ଡ ଆଦି ପାଇପାରି ନ ଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଫଳରେ ଗ୍ରାମବାସୀ ନାନା ସମସ୍ୟା ଦେଇ ଗତି କରୁଛନ୍ତି। ବିଜୁଳି ଆଲୋକ ସୁବିଧା ନଥିବାରୁ ଗ୍ରାମବାସୀ ରାତି ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପାନୀୟ ଜଳର ସୁବିଧା ନ ଥିବାରୁ ହଇରାଣ ହରକତ ହେଉଛନ୍ତି। ଏହି ସମସ୍ୟା ସମ୍ପର୍କରେ ଉପଜିଲାପାଳଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସମାଧାନ ହୋଇପାରୁନି। ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି।

# ଅନୁଗୋଳ ପୋଲିସ ହାତରେ ଚୋରା କୋଇଲା ଗ୍ୟାଙ୍ଗ

ଅନୁଗୋଳ ଅଫିସ, ୧୭।୧୨

ଚୋରା କୋଇଲା କାରବାର କରୁଥିବା ଏକ ଗ୍ୟାଙ୍ଗର ୪ଜଣଙ୍କୁ ଅନୁଗୋଳ ପୋଲିସ କାବୁ କରିଛି। ଏଥିସହ ସମ୍ପୃକ୍ତ ମାଫିଆଙ୍କ ନିକଟରୁ ବିପୁଳ ପରିମାଣର

- ୪ କୋର୍ଟ ଚାଲାଣ, ଦୁଇ ଫେରାର
- ତାଳଚେରରୁ ଆସୁଥିଲା ଚୋରା କୋଇଲା
- ସିଲ୍ ହେଲା ଡିପୋ, ଗାଡ଼ି ଜବତ



ପୋଲିସ ଗିରଫ କରିଥିବା ୪ ଅଭିଯୁକ୍ତଙ୍କୁ ହାଜର କରାଇଛି।

ଚୋରା କୋଇଲା ସହ ଏକ ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ଅନ୍ୟ ଦୁଇ ଜଣ ଫେରାର ଥିବା ବେଳେ ଆମ୍ବପାଳ ଜଙ୍ଗଲରେ ୬୧.୬୭୦ ମେଟ୍ରିକ ଟନ୍ ଚୋରା କୋଇଲା ଗଚ୍ଛିତ ହୋଇଥିବା ଡିପୋ ଓ ନତଡ଼ା ଗୀତା ଆଶ୍ରମ ନିକଟରେ ଗଚ୍ଛିତ ଥିବା ୧୫.୨୬୦ ମେଟ୍ରିକ ଟନ୍ କୋଇଲା ଜବତ କରାଯାଇଥିବା ଅନୁଗୋଳ ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଛି। ତାଳଚେରର କୋଇଲା ଖଣିରୁ ଚୋରାରେ କୋଇଲା ଆଣି କଟକ ଜିଲାର ନରସିଂହପୁର ଅଞ୍ଚଳକୁ ଏମାନେ ଚାଲାଣ କରୁଥିବା ପଚରା ଉଚରା ସମୟରେ ଅଭିଯୁକ୍ତମାନେ ସୂଚନା ଦେଇଥିବା ପୋଲିସ କହିଛି। ଏ ସଂକ୍ରାନ୍ତରେ ଅନୁଗୋଳ ପୋଲିସ ନଂ. ୧୦୬୫/୧୯ରେ ଏକ ମାମଲା ରୁଜୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନତଡ଼ା ଗ୍ରାମର ତପନ କୁମାର ମିଶ୍ର(୩୫), କୋଲିୟରୀ ଥାନା କଳମଛୁଇଁ ଗ୍ରାମର ନେଙ୍କୁରୀ ନାଏକ(୩୫), ହିନ୍ଦୋଳ ଥାନା ଅଞ୍ଚଳର ଇନ୍ଦ୍ରମଣି ଦାସ(୩୫), ଟିଗିରିଆ ଥାନା ରଘୁରାମପୁର ଗ୍ରାମର ସୁକାନ୍ତ ପରିଡ଼ା(୪୬)। ସବ୍‌ଇନ୍ସପେକ୍ଟର ବିପ୍ଳବ ସାହୁ ଘଟଣାର ତଦନ୍ତ କରିବା ସହ ଗିରଫ ୪ ଜଣଙ୍କୁ କୋର୍ଟଚାଲାଣ କରିଛନ୍ତି।

ଅନୁଗୋଳ ଥାନାର ସବ୍‌ଇନ୍ସପେକ୍ଟର ସତ୍ୟରଞ୍ଜନ ଲେଙ୍କା ରବିବାର ଏକ ବିଶ୍ୱସ୍ତ ସୂତ୍ରରୁ ଏହି କୋଇଲା ଚୋରା ଚାଲାଣ ସମ୍ପର୍କରେ ସୂଚନା ପାଇଥିଲେ। ନତଡ଼ା ଅଞ୍ଚଳରେ ଚଢ଼ାଉ କରିବା ସମୟରେ ଆମ୍ବପାଳ ଜଙ୍ଗଲରେ ୩ ଟନ୍ ଚୋରା କୋଇଲା ବୋଝେଇ ଏକ ଟ୍ରକ୍ (ନଂ. ଓଡି୧୯ସି-୩୫୬୪)ର ସନ୍ଧାନ ପାଇଥିଲେ। ଏଥିସହ ଜଣଙ୍କୁ କାବୁ କରି ନେଇଥିଲେ। ତେବେ ଘଟଣାସ୍ଥଳରୁ ଗାଡ଼ି ଚାଳକ ଓ ମାଷ୍ଟରମାଇଣ୍ଡ ଫେରାର ହୋଇଯାଇଥିଲେ। ଗିରଫ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରା ଉଚରା ପରେ ଏହି ଗ୍ୟାଙ୍ଗ ସମ୍ପର୍କରେ ସୂଚନା ମିଳିଥିଲା। ତାଳଚେର ଖଣି ଅଞ୍ଚଳରୁ ବେଆଇନ ଭାବେ କୋଇଲା ଆଣି ଏମାନେ ଆମ୍ବପାଳର ଏକ ଜଙ୍ଗଲ ଓ ନତଡ଼ାର ଗୀତା ଆଶ୍ରମ ନିକଟରେ ଜମା କରୁଥିଲେ। ଗ୍ରାହକ ଯୋଗାଡ଼ ହେବା ପରେ ସେଠାରୁ ବିକ୍ରୟ କରୁଥିଲେ। ତେବେ ସାଇକେଲ ଓ ମୋଟର ସାଇକେଲରେ ତାଳଚେର ହିଙ୍ଗୁଳା ମାଇନ୍ସରୁ ଏହି ଚୋରା କୋଇଲା ଆଣି ସେଠାରେ ଜମା କରିବା ପରେ କଟକ ଜିଲା ନରସିଂହପୁର ଅଞ୍ଚଳକୁ ବିକ୍ରୟ କରୁଥିଲେ ବୋଲି ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଷ୍ଟାଣ୍ଡିଂ କମିଟିର ଓଏମ୍‌ସି ଗେଷ୍ଟ ହାଉସରେ କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା

ବଡବିଲ, ୧୭।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲକୁ ରାଜ୍ୟ ବିଧାନ ସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ମଙ୍ଗଳବାର ଅପରାହ୍ନରେ ଗସ୍ତ କରି ଓଏମସି(ଓଡିଶା ମାଇନିଂ କର୍ପୋରେଶନ)ର ଗେଷ୍ଟହାଉସରୁ ପାନପୋଷ ଅଭିମୁଖେ ଗସ୍ତ କରିଛନ୍ତି। କମିଟି ସଦସ୍ୟମାନେ ବଡବିଲ ପହଞ୍ଚି ସିଧାସଳଖ ଓଏମସି ଗେଷ୍ଟ ହାଉସରେ ବିଶ୍ରାମ ନେଇଥିଲେ। ଅପରାହ୍ନ ପ୍ରାୟ ସାଢେ ୩ ଟାବେଳେ ବିଭିନ୍ନ ଖଣି କମ୍ପାନୀର ଅଧିକାରୀ, ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। କମିଟି ସହ ସାକ୍ଷାତ କରି ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ତରଫରୁ ଅଞ୍ଚଳର ଧୂଳିପ୍ରଦୂଷଣ, ସ୍ୱାସ୍ଥ୍ୟସେବା ଆଦି ଉପରେ ଆଲୋକପାତ କରିଥିଲାବେଳେ ବଡବିଲ ସିଭିଲ ସୋସାଇଟି ତରଫରୁ ବଡବିଲ ବାଇପାସ ରିଂ-ରୋଡର ତୁରନ୍ତ ନିର୍ମାଣ ଦାବି ଲିଖିତ ଭାବେ ଦେଇଥିଲେ। ବଡବିଲ ଅଞ୍ଚଳର ବିଭିନ୍ନ ଖଣି, ଜଙ୍ଗଲ ଓ ପରିବେଶ ସମ୍ବନ୍ଧୀୟ କ୍ରିୟାକଳାପ, ବିଭିନ୍ନ ଶିଳ୍ପାନୁଷ୍ଠାନ ପରିଦର୍ଶନ ନିମନ୍ତେ ଏହି କମିଟିର ଗସ୍ତ କାର୍ଯ୍ୟକ୍ରମରେ ରହିଥିଲେ ହେଁ କମିଟି ସଦସ୍ୟମାନେ କୌଣସି ଅଞ୍ଚଳକୁ ଗସ୍ତ ନ କରି ପାନପୋଷ ଅଭିମୁଖେ ବାହାରିଯାଇଥିଲେ।

## ଧନଞ୍ଜୟଙ୍କ ରାଜ୍ୟାଭିଷେକ

କେନ୍ଦୁଝର, ୧୭।୧୨(ଡି.ଏନ୍.ଏ.)

ପିତା ଅନନ୍ତ ନାରାୟଣ ଭଞ୍ଜଦେଓଙ୍କ ପରଲୋକ ପରେ କେନ୍ଦୁଝରର ୪୯ତମ ନୂତନ ରାଜା ଭାବେ ଅଭିଷେକ ହୋଇଥିବା ଧନଞ୍ଜୟ ନାରାୟଣ ଭଞ୍ଜଦେଓ ସୋମବାର ଠାକୁରଙ୍କୁ ଦର୍ଶନ କରିବା ସହ ଅଭିଷେକ ଶୋଭାଯାତ୍ରା କରିଛନ୍ତି। କେନ୍ଦୁଝର ପୁରୁଣା ରାଜବାଟୀଠାରେ ପୂଜା ପାଉଥିବା ମା' ଗଡତାରିଣୀଙ୍କ ମନ୍ଦିରରୁ ଆଜ୍ଞାମାଳ ନେଇ ଛତ୍ର, ଚାମର, କାହାଳି ଓ ଅନ୍ୟାନ୍ୟ ପାରମ୍ପରିକ ଶୋଭାଯାତ୍ରାରେ ଏକ ଅଶ୍ୱରେ ବସି ସହର ପରିକ୍ରମା କରିଥିଲେ। ଏହାପରେ ସେ କେନ୍ଦୁଝରର ରାଷ୍ଟ୍ରଦେବତା ବଳଦେବଜୀଉଙ୍କ ମନ୍ଦିରକୁ ଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଅନ୍ୟ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରିଥିଲେ। କେନ୍ଦୁଝରର ରାଜାଙ୍କ ସହିତ ଛୋଟରାୟ ଜନ୍ମେଜୟ ନାରାୟଣ ଭଞ୍ଜଦେଓ, ରାଜ ପୁରୋହିତ ପ୍ରଶନ୍ନ କୁମାର ନନ୍ଦ, ରାଜ କର୍ମଚାରୀ ଓ ସହରର ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମା' ଗଡତାରିଣୀ ମନ୍ଦିରର ବରିଷ୍ଠ ପୂଜକ କାଳନ୍ଦୀ ଚରଣ ଦେହୁରୀ ତାରିଣୀଙ୍କ ଛତ୍ର ଧରିଥିବାବେଳେ ଅନ୍ୟତମ ଦେହୁରୀ ଶିବାନନ୍ଦ ଦେହୁରୀ ଚାମର ସେବା କରିଥିଲେ।

## ଜରପଡ଼ା କ୍ରିକେଟ ଟୁର୍ନାମେଣ୍ଟ, କୋଶଳା ଟିମ୍ ଚାମ୍ପିୟନ



ଏମ୍‌ପି ନୀତେଶ ଗଙ୍ଗଦେବ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ଛେଣ୍ଡିପଦା,୧୭।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଜରପଡା ମିନି ଷ୍ଟାଡିୟମଠାରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କୋଶଳା ଓ କଳମଛୁଇଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଳମଛୁଇଁ ବ୍ୟାଟିଂ କରି ୮୧ ରନ ସଂଗ୍ରହ କରିଥିଲା। ଜବାବରେ କୋଶଳା କ୍ରିକେଟ ଦଳ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ବିଜୟ ମାଝି, ସୁଦୀପ ଗଡନାୟକ, ଜୀବନାନନ୍ଦ ସାହୁ, ଡମ୍ବରୁଧର ବେହେରା, ଶତ୍ରୁଘ୍ନ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ସିରିଜ ଭାବେ କୋଶଳା ଦଳର ରାଜୁ ସାହୁ, ମ୍ୟାନ ଅଫ ଦି ମ୍ୟାଚ ଭାବେ କଳମଛୁଇଁ ଦଳର କିରଣ ଗୋଚ୍ଛାୟତ ବିବେଚିତ ହୋଇଥିଲେ। ଜୟ ରାଜଗୁରୁ କ୍ଲବର ସଭାପତି ଅଜିତ ନାୟକ, ସମ୍ପାଦକ ଚିତରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଗୋ-ଚାଲାଣ ଘଟଣା: ଆଉ ୨ ଗିରଫ

ଆନନ୍ଦପୁର, ୧୭।୧୨(ସ୍ୱ.ପ୍ର.)

ଆନନ୍ଦପୁର ପୋଲିସ ଦ୍ୱାରା ଫକୀରପୁର ହାଟରୁ ୧୦ ତାରିଖରେ ଦୁଇ ଗାଡି ଜବତ କରାଯାଇ ସେଥିରୁ ୭୭ ଗୋରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୨୩୬/୨୦୧୯) ରୁଜୁ କରି ଘଟଣାତ ତଦନ୍ତ କରିବା ସହିତ ତାଜୁଦ୍ଦିନ ଖାନ, ରାଜୁ ଖାନ, ଏସ୍ କେ ଆସନାନ ତାଜୁ ସାହା ନାମକ ୪ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୨ରୁ ଅଧିକ ଅଭିଯୁକ୍ତ ରହିଥିବାବେଳେ ଆନନ୍ଦପୁର ପୋଲିସ ମଙ୍ଗଳବାର ଆଉ ୨ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଗିରଫ ଦୁଇ ଜଣ ହେଉଛନ୍ତି ଭାଦ୍ରକ ଜିଲା ଧାମନଗର ଅଞ୍ଚଳର ସେଖ୍ ତାରାବାବୁ, ସେଖ୍ ଅଫତାର୍ ଅଲି। ଗିରଫ ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ



ବ୍ଲକସ୍ତରୀୟ ଶିଶୁ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଣିହାଁ,୧୭।୧୨(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ପ୍ରୋଜେକ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରେଙ୍ଗାଳି ବନ୍ଧ ବିଭାଗ ସହକାରୀ ଯନ୍ତ୍ରୀ କିଶୋରଚନ୍ଦ୍ର ଗଡ଼ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଣିହାଁ ବ୍ଲକର ୧୫ଟି ହାଇସ୍କୁଲର ୧୦୩ ଜଣ ଛାତ୍ରୀଛାତ୍ର ଏଥିରେ ଅଶଂଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଏଚ୍‌ପିସିର ଉପ ପରିଚାଳକ ଇଂ. ଗଣେଶ ମହାପାତ୍ର ଯୋଗ ଦେଇଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଅଧାପକ ହରିଶ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଙ୍ଗାଳି ସରପଞ୍ଚ ରଶ୍ମିତା ସେଠୀ, କୁଲୁମା ସରପଞ୍ଚ ନିଶାକର ବିଶ୍ୱାଳ, ଓଷ୍ଟାର ବ୍ଲକ ସଭାପତି ଗଦାଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଗଦାଧର ନନ୍ଦ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବା ସହ ପୁରସ୍କୃତ କରାଯାଇଥିଲା।

## ମିଳିଲାନି ଆମ୍ବୁଲାନ୍ସ, ଚାଲିଗଲା ନାବାଳିକାଙ୍କ ଜୀବନ

ଘସିପୁରା, ୧୭।୧୨ (ଡି.ଏନ.ଏ.)

ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଆମ୍ବୁଲାନ୍ସ ନ ଆସିବାରୁ ମଙ୍ଗଳବାର ଜଣେ ଗରିବ ଆଦିବାସୀ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳିକା ଜଣକ ହେଲେ ଘସିପୁରା ଥାନା ରେକୁଟିଆ ଗ୍ରାମର ଇନ୍ଦ୍ରମଣୀ ଦେହୁରୀଙ୍କ ଝିଅ ରଚନା ଦେହୁରୀ (୧୧)। ନାବାଳିକା ଜଣଙ୍କ ବାତ ରୋଗରେ ଆକ୍ରାନ୍ତ ହୋଇ ଉପଖଣ୍ଡ ଡାକ୍ତରଖାନାର ମାତୃଶିଶୁ ବିଭାଗରେ ଭର୍ତ୍ତି ହୋଇଥିଲେ। ତେବେ କଟକ ସ୍ଥାନାନ୍ତର ପାଇଁ ତାଙ୍କୁ ଡାକ୍ତର ପରାମର୍ଶ ଦେଇଥିଲେ। ମାତ୍ର ଆମ୍ବୁଲାନ୍ସକୁ ଫୋନ କରି ପ୍ରାୟ ତିନି ଘଣ୍ଟା ଅପେକ୍ଷା କରିଥିଲେ ମଧ୍ୟ ଆମ୍ବୁଲାନ୍ସ ନ ଆସିବାରୁ ଶେଷରେ ନାବାଳିକା ଜଣକ ଜୀବନ ହାରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଇନ୍ଦ୍ରମଣୀ ନିଜ ଝିଅ ରଚନାକୁ ବାତ ମାରିବାରୁ ସକାଳୁ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ରଚନାଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର ପାଇଁ ଲେଖିଥିଲେ। ଏହାପରେ ସକାଳ ୯ଟାରେ ଚାରି ଥର ଆମ୍ବୁଲାନ୍ସକୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଦୀର୍ଘ ତିନି ଘଣ୍ଟାର ଅପେକ୍ଷା ସତ୍ତ୍ୱେ ଆମ୍ବୁଲାନ୍ସ ଆସି ନଥିଲା। ଇନ୍ଦ୍ରମଣୀ ଅତ୍ୟନ୍ତ ଗରିବ ହୋଇଥିବାରୁ ଘରୋଇ ଆମ୍ବୁଲାନ୍ସ ଯୋଗେ ଝିଅକୁ କଟକ ସ୍ଥାନାନ୍ତର ତାଙ୍କ ପକ୍ଷେ ସମ୍ଭବ ହୋଇନଥିଲା। ଶେଷରେ ଯନ୍ତ୍ରଣାରେ ଛଟପଟ ହୋଇ ରଚନାଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଧନେଶ୍ୱର ସେଠୀଙ୍କୁ ପଚାରିବାରୁ ରୋଗୀଙ୍କୁ କଟକ ରେଫର କରାଯାଇଥିଲା। କିନ୍ତୁ ଆମ୍ବୁଲାନ୍ସ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନଥିବା ସେ କହିଥିଲେ।

## ■କେନ୍ଦୁଝରରେ ବିଧାନସଭା ଷ୍ଟାଣ୍ଡିଂ କମିଟି

# ଖଣି ଅଞ୍ଚଳ ବୁଲି ସମୀକ୍ଷା କଲେ

ଯୋଡ଼ା/ କେନ୍ଦୁଝର, ୧୭।୧୨(ଡି.ଏନ.ଏ.)



ଯୋଡା ଗସ୍ତରେ ଆସିଥିବା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

- କେନ୍ଦୁଝରରେ କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା
- ହାତୀଙ୍କ ସୁରକ୍ଷା ପାଇଁ କେବୁଲ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ
- ଧୂଳି ଧୂଆଁ ଓ ରାସ୍ତାର ଶୋଚନୀୟ ଅବସ୍ଥା ଦେଖି କମିଟିର କ୍ଷୋଭ

ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ସୋମବାର ମଧ୍ୟାହ୍ନରେ କେନ୍ଦୁଝରରେ ପହଞ୍ଚିଥିଲେ। ପରେ ବ୍ରାହ୍ମଣୀପାଳ ସ୍ଥିତ ଟାଟା ଷ୍ଟିଲ୍‌ର ଚାର୍ଜକ୍ରମ୍ ଏବଂ ଓଡ଼ିଶା ଖଣି ନିଗମର ଦୈତାରୀ ଖଣି ଅଞ୍ଚଳ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ, ପାରିପାର୍ଶ୍ୱିକ ଅବସ୍ଥା, ଶ୍ରମିକମାନଙ୍କର କଲ୍ୟାଣ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ଇତ୍ୟାଦି ପ୍ରସଙ୍ଗ ଉପରେ ତଦାରଖ କରିଥିଲେ। ବିଦ୍ୟୁତ୍ ତାର ସଂଯୋଗରେ ଆସି ହାତୀମାନଙ୍କ ମୃତ୍ୟୁକୁ ଏଡାଇବା ପାଇଁ କେବୁଲ୍ ବ୍ୟବସ୍ଥା ଉପରେ କମିଟି ଗୁରୁତ୍ୱାରୋପ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ବିଧାନ ସଭା ଷ୍ଟାଣ୍ଡିଂ କମିଟି ସଦସ୍ୟାସଦସ୍ୟମାନେ ମଙ୍ଗଳବାର ଯୋଡ଼ା ଖଣିମଣ୍ଡଳର ବିଭିନ୍ନ ଖଣି ଅଞ୍ଚଳ ଗସ୍ତ କରିଛନ୍ତି। ବୌଦ୍ଧ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଷ୍ଟାଣ୍ଡିଂ କମିଟିରେ ଚିଙ୍କିଟି ବିଧାୟିକା ଉଷା ଦେବୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଏହି ଗସ୍ତରେ ଆସିଥିବାବେଳେ ସ୍ଥାନୀୟ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଯୋଡ଼ା ଖଣି ଅଞ୍ଚଳ ଆସିବାବେଳେ ଅଞ୍ଚଳର ଶୋଚନୀୟ ରାସ୍ତାଘାଟ ଓ ଲୁହାପଥର ଗୁଣ୍ଡ ଯୋଗୁ ହେଉଥିବା ଧୂଳିଧୂଆଁରେ ଗଛପତ୍ର ଓ ଘରବାଡ଼ି ନାଲି ହୋଇପଡ଼ିଥିବା ଦେଖି କମିଟିର ସଦସ୍ୟାସଦସ୍ୟ ସ୍ଥାନୀୟ ପ୍ରଶାସନ ଓ ଖଣି କମ୍ପାନୀମାନଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ମଙ୍ଗଳବାର ପୂର୍ବାହ୍ନରେ କମିଟିର ସଦସ୍ୟାସଦସ୍ୟ ପ୍ରଥମେ ଯୋଡ଼ା ଖଣି ମଣ୍ଡଳର ରୁଙ୍ଗଟା ଖଣିରେ ପହଞ୍ଚି ଖଣିର ପାରିପାର୍ଶ୍ୱିକ ଅବସ୍ଥା, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା, ଶ୍ରମିକ ଓ କର୍ମଚାରୀମାନଙ୍କ କଲ୍ୟାଣ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ପ୍ରଭୃତି କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ । ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଖଣିର ଉପରପାର୍ଶ୍ୱରେ କରାଯାଇଥିବା ପ୍ଲାଣ୍ଟେଶନ ପର୍ଯ୍ୟାପ୍ତ ପରିମାଣରେ ହୋଇନଥିବାରୁ କମିଟିର ସଦସ୍ୟମାନେ ଗଛ କାଟୁଛ ଅଧିକ ଓ ରୋପଣ କରୁଛ କମ୍ କହି ଖଣି କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ। ପରେ ଜୁରୁଡିର ଏସେଲ ଖଣି ପାର୍ଶ୍ୱରେ ଥିବା ଚିରସ୍ରୋତା ଦଲକି ନାଳରେ ଲୋକେ ଗାଧୋଉଥିବା ଦେଖି କମିଟିର ସଦସ୍ୟମାନେ ସେଠାରେ ଅଟକିଥିଲେ । ଖଣିଦ୍ୱାରା ପ୍ରଭାବିତ ଦଲକି ନାଳର ପ୍ରଦୂଷିତ ଜଳ ଦେଖି ସେମାନେ ଏସେଲ ଖଣିର କର୍ତ୍ତୃପକ୍ଷଙ୍କୁ ତାଗିଦ ମଧ୍ୟ କରିଥିଲେ। ଖଣିର ବର୍ଜ୍ୟବସ୍ତୁର ଜଳ ସିଧାସଳଖ ଦଲକି ନାଳକୁ ନିଷ୍କାସନ ନ କରିବା ପାଇଁ ଖଣି କର୍ତ୍ତୃପକ୍ଷଙ୍କୁ କହିଥିଲେ । ସ୍ଥାନୀୟ ଲୋକମାନଙ୍କ ପାଇଁ ଗାଧୋଇବା ପାଇଁ ତୁଠ ଏବଂ ପରିଷ୍କାର ପରିବେଶ ସୃଷ୍ଟି କରିବା ପାଇଁ କମିଟି ପକ୍ଷରୁ କୁହାଯାଇଥିଲା। ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ଖଣିଗୁଡିକର ନକ୍ସା ମାନଚିତ୍ର ତଥା ଟପୋସିଟ୍ ଦେଖିବା ସହିତ ଏହାର କପି କମିଟିକୁ ଦେବା ପାଇଁ କମିଟିର ଅଧ୍ୟକ୍ଷ ପ୍ରଦୀପ ଅମାତ ଖଣି କର୍ତ୍ତୃପକ୍ଷଙ୍କୁ କହିଥିଲେ।

ବାଣିଜ୍ୟ ଓ ପରିବହନ, ଜଙ୍ଗଲ ଓ ପରିବେଶ, ଇସ୍ପାତ ଓ ଖଣି, ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ପ୍ରଭୃତି ବିଷୟ ଉପରେ କମିଟି ପକ୍ଷରୁ ତଦାରଖ କରାଯାଇଥିବା କମିଟିର ଅଧ୍ୟକ୍ଷ ବିଧାୟକ ପ୍ରଦୀପ ଅମାତ କହିଥିଲେ। ସ୍ଥାନୀୟ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ସ୍ଥାନୀୟ ଅଞ୍ଚଳର ଅସୁବିଧା ସମ୍ପର୍କରେ କମିଟିକୁ ଅବଗତ କରାଉଥିବା ବେଳେ ଖଣି କର୍ତ୍ତୃପକ୍ଷଙ୍କୁ ଏନେଇ ତାଗିଦ୍ କରିଥିଲେ। ଷ୍ଟାଣ୍ଡିଂ କମିଟିରେ ଆସିଥିବା କଂଗ୍ରେସ ଦଳର ମୋହନା ବିଧାୟକ ଦାଶରଥି ଗମାଙ୍ଗ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ଷ୍ଟାଣ୍ଡି କମିଟି ଏହି ଅଞ୍ଚଳକୁ ପରିଦର୍ଶନରେ ଆସିଛି, ଏହି ଅଞ୍ଚଳର ସମସ୍ୟା ଉପରେ ସମୀକ୍ଷା ରିପୋର୍ଟ ଗୃହରେ ଦାଖଲ କରାଯିବ। ହେଲେ ସରକାର ରିପୋର୍ଟ ଅନୁଯାୟୀ ଅଞ୍ଚଳରେ ବିକାଶ କାର୍ଯ୍ୟକୁ ବାସ୍ତବିକ ରୂପ ଦେବା ଉଚିତ । ପରେ କମିଟି ବଡ଼ବିଲ ଅଭିମୁଖେ ଗସ୍ତ କରିଥିଲେ। ଯିବାବେଳେ ଭଦ୍ରାସାହି-ଯୋଡ଼ା ଟ୍ରାଫିକ ଜାମରେ ଦୀର୍ଘ ସମୟ ଫସି ରହିଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ବୁଧବାର, ଡିସେମ୍ବର ୧୮/୨୦୧୯ Dhenkanal, Wednesday, December 18 / 2019


## ସଂକ୍ଷେପରେ

### ଓଜେଡିର ସାଙ୍ଗଠନିକ ବୈଠକ

**ତାଳଚେର,୧୭।୧୨(ନି.ପ୍ର.):** ତାଳଚେର ପୌରପରିଷଦର ହାଣ୍ଡିଧୂଆଁସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ଅନୁଗୋଳ ଜିଲା ଓଡ଼ିଶା ଜାଗୃତି ଦଳ (ଓଜେଡି)ର ଏକ ସାଙ୍ଗଠନିକ ବୈଠକ ଜିଲା ସଭାପତି ବିଘ୍ନେଶ୍ୱର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତାଳଚେରବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବାରୁ ସେ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ତାଳଚେର ଭଳି ଏକ ଶିଳ୍ପାଞ୍ଚଳରୁ ଦୈନିକ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିଲେ ହେଁ ତାଳଚେର ବିକାଶରେ ଅନ୍ତରାୟ ସୃଷ୍ଟି ହେଉଛି ବୋଲି ସେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଏହାର ଆଶୁ ସମାଧାନ ପାଇଁ ତାଳଚେର ଅଞ୍ଚଳରେ ଓଜେଡି ପକ୍ଷରୁ ସଙ୍ଗଠନକୁ ସୁଦୃଢ଼ କରିବା ସହିତ ଲୋକଙ୍କ ସହିତ ରହି ସମସ୍ୟାର ସମାଧାନ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। କଣିହାଁ ବ୍ଲକ ସଭାପତି ପଦ୍ମା ମହାକୁଡ, ତାଳଚେର ପୌରପରିଷଦର ନଗର ସଭାପତି ପ୍ରଦୀପ ଶତପଥୀଙ୍କୁ ବିଭିନ୍ନ ମହିଳା ଅନୁଷ୍ଠାନ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ବୈଠକରେ ବହୁ ବୁଦ୍ଧିଜିବୀ, ମହିଳା ସଙ୍ଗଠନର ସଦସ୍ୟା ଉପସ୍ଥିତ ଥିଲେ।

## ସ୍କ୍ୱାଶ-୨୦୧୯: ରୟାଲ ଡାଇନାମୋ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଟିମ୍।

**ଅନୁଗୋଳ ଅଫିସ, ୧୭।୧୨**

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ଜିନ୍ଦଲ ଅଫିସରର୍ସ କ୍ଲବ (ଜେଓସି) ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ ସ୍କ୍ୱାଶ-୨୦୧୯ ଆୟୋଜିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରୟାଲ ଡାଇନାମୋ ଦଳ ୨-୧ ସେଟ୍‌ରେ ଏକ୍ସଟ୍ରିମ ଦଳକୁ ପରାସ୍ତ କରି ସ୍କ୍ୱାଶ-୨୦୧୯ର ଚାମ୍ପିୟନ ହୋଇଛି। ଜେଏସ୍‌ପିଏଲ୍ ଓଡ଼ିଶାର ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଇଡି-ମେଣ୍ଟେନାନ୍ସ ସୁରେଶ କୁମାର ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଇସ୍ପାତ ନିର୍ମାଣ ଜୋନ ମୁଖ୍ୟ ଓ ସାଧାରଣ ସମ୍ପାଦକ ଜେଓସି ଦାମୋଦର ମିତ୍ତଲ, କୋଲ ଗ୍ୟାସିଫିକେସନ୍ ପ୍ଲାଣ୍ଟ(ସିଜିପି) ବିଭାଗ ମୁଖ୍ୟ ଏ.ଏନ. ତିୱାରୀ ଏବଂ ମାନବ ସମ୍ବଳ ବିଭାଗ ମୁଖ୍ୟ ଆଲୋକ ମାଲହୋତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ଏକ୍ସଟ୍ରିମ ଦଳର ପ୍ରିୟବ୍ରତ ସ୍କ୍ୱାଶର ଟ୍ରଫି ହାସଲ କରିଥିବାବେଳେ ରୟାଲ ଡାଇନାମୋ ଦଳର ଅମର ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ଗ୍ରହଣ କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

**ପାଲଲହଡା,୧୭।୧୨(ଡି.ଏନ.ଏ.)**

ପାଲଲହଡା ଥାନା ବଡ଼ଝାର ଗ୍ରାମ ନିକଟ କୁକୁଡ଼ା ଲଢେଇପଡାରେ ଜୁଆ ଆଡ୍ଡା ଚାଲିଥିବାବେଳେ ପାଲଲହଡା ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଏଥିସହିତ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଦୀର୍ଘଦିନ ହେବ ଏହି ଅଞ୍ଚଳରେ ବ୍ୟାପକ ଜୁଆ ଖେଳ ହେଉଥିବା ଅଭିଯୋଗ ହେଉଥିଲା। ଖବରପାଇ ପୋଲିସ ଚଢ଼ାଉ କରି ସନ୍ତୋଷ କୁମାର ପ୍ରଧାନ, ତପନ କୁମାର ନାୟକ ଏବଂ ତୋଫାନ ମୁଖୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୦୯୦ ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୧୭୩/୧୯ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏଏସ୍‌ଆଇ ପ୍ରଦୀପ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।






### ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଘାଟିତ

## 'ମାନବିକତା ଥିଲେ ବିଶ୍ୱରେ ଶ୍ରେଷ୍ଠ ହୋଇପାରିବ'




ଜୁନିୟର ରେଡକ୍ରସ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ମଞ୍ଚାସୀନ ଅତିଥିମାନେ।

**ବନ୍ତଲା, ୧୭।୧୨ (ଡି.ଏନ୍.ଏ.)**

ବନ୍ତଲା ଥାନା ତଳଗଡ଼ କଳାପାଟ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜିଲାସ୍ତରୀୟ ସପ୍ତମ ବାର୍ଷିକ ଜୁନିୟର ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ଜୁନିୟର ରେଡକ୍ରସ ସଭାପତି ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ବିବେକ ଓ ମାନବିକତା ଅନୁଯାୟୀ କାର୍ଯ୍ୟ କରିପାରିଲେ ବିଶ୍ୱ ଦରବାରରେ ଶ୍ରେଷ୍ଠ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ସଭାପତି ବେହେରା କହିଥିଲେ ଯେ, ଜିଲାର ସମୁଦାୟ ୨୧୫ଟି ସ୍କୁଲର ୩୪୦ ଛାତ୍ରୀଛାତ୍ର ରେଡକ୍ରସରେ ଭାଗ ନେଇଛନ୍ତି। ଏହି ଉତ୍ସବ ତିନି ଦିନ ଧରି ଚାଲିବ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ରିସର୍ଚ୍ଚ ସଦସ୍ୟ ଗୁରୁଚରଣ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ତଳଗଡ଼ ସରପଞ୍ଚ ସସ୍ମିତା ଭୋଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ଜୁନିୟର ରେଡକ୍ରସ ସେକ୍ରେଟାରୀ ତଥା ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ପୋକତୁଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ମୁଦୁଲି, ବେଡ଼ାଶାସନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜ୍ଜୁନ ଚନ୍ଦ୍ର ସାହୁ, ଜନତା ଉଚ୍ଚ ବିଦ୍ୟାଳୟ ଗଡ଼ତରାସର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାୟକ, ବାରଗୌଣିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଲେଙ୍କାଙ୍କ ସହିତ ସମସ୍ତ କର୍ମଚାରୀ ଓ କ୍ରୀଡ଼ା ଶିକ୍ଷକମାନେ ସହଯୋଗ କରିଥିଲେ। ବ୍ଲକ ଉପାଧକ୍ଷା ମମତା ପ୍ରଧାନ, ବିଡିଓ ମାୟାଧର ବେହେରା, ପୂର୍ବତନ ନଗରପାଳ ଭକ୍ତିପ୍ରସାଦ ଦାସ, ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ବ୍ଲକର ପୂର୍ବତନ ଉପାଧକ୍ଷ ଦୁର୍ଗାଚରଣ ପ୍ରଧାନ, ଜିଲା ପରିଷଦର ପୂର୍ବତନ ସଭ୍ୟ ଭାଗୀରଥି ମାଝି, ଏମ୍‌ପିଙ୍କ ପ୍ରତିନିଧି ବିଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ।






## ମାଣବସା ଲକ୍ଷ୍ମୀ ପୂଜା ପାଳିତ



ପୂଜା ମଣ୍ଡପ ନିକଟରେ ଗ୍ରାମର ଯୁବଗୋଷ୍ଠୀ।

**ଅନୁଗୋଳ ଅଫିସ, ୧୭।୧୨**

ଅନୁଗୋଳ ପାପସରା ଗ୍ରାମରେ ୨୪ ତମ ମାଣବସା ଲକ୍ଷ୍ମୀ ପୂଜା ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଗ୍ରାମର ଯୁବଗୋଷ୍ଠୀଙ୍କ ସହଯୋଗରେ ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରାମରେ ଏହି ପୂଜାର ଆୟୋଜନ କରାଯାଇଥିଲା। କେତେଜଣ ବରିଷ୍ଠ ବ୍ୟକ୍ତି ମଧ୍ୟ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ (ଅପେରା) ସହ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ପୂଜା ସଭାପତି ବେଣୁଧର ସାହୁ, ସମ୍ପାଦକ ବୀରେନ ସାହୁଙ୍କ ସମେତ ରଞ୍ଜିତ ସାହୁ, ବିଦେଶୀ ପ୍ରଧାନ, ସାନନ୍ଦ ସାହୁ, ଗଦାଧର ସାହୁ, ଭିକାରୀ ବାରିକ, ଲିନୁ ସାହୁ, କାଳିଆ ସାହୁ, ବାବୁଲି ପ୍ରଧାନ, ଅଶୋକ ସାହୁ, କାଳିଆ ପ୍ରଧାନ, ମଳୟ ସାହୁ, ପଞ୍ଚୁ ସାହୁ, ଟିକିନା ସାହୁ ପ୍ରମୁଖ ସହଯୋଗ କରିଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ